


## ସଂକ୍ଷେପରେ

### କଂଗ୍ରେସର ଘରକୁ ଘର ବୁଲି ପ୍ରଚାର

ବସ୍ତା, ୧୮।୪(ସ୍ୱ.ପ୍ର.): ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ବସ୍ତା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିଜନ କୁମାର ନାୟକ ବସ୍ତାରେ ତାଙ୍କର ପ୍ରଚାର ଜୋରଦାର କରିଛନ୍ତି। ଗୁରୁବାର ସଦାନନ୍ଦପୁର ଓ ପତ୍ରଝଡ଼ା ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କୁ ସାକ୍ଷାତ କରିବା ସହ କଂଗ୍ରେସକୁ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ଏହି ପ୍ରଚାରରେ ତାଙ୍କ ସହ ବସ୍ତା କଂଗ୍ରେସ ନେତା ସତ୍ୟନାରାୟଣ ଗୁପ୍ତା, ମନୋଜ କୁମାର ମହାନ୍ତି, ଚିନ୍ମୟ ଶତପଥି, ପତ୍ରଝଡ଼ା ସରପଞ୍ଚ ପ୍ରଣତୀ ସାହୁ, ଜଗଦୀଶ ସାହୁ, ବିଜୟ ପରିଡ଼ା, ସମିତିସଭ୍ୟ ରବିନ୍ଦ୍ର ଦାସ, ଅଜିତ ମହାପାତ୍ର, ଅରୁଣ ମଣ୍ଡଳ, ଅଜୟ ରାଉଳ, ଗୌରାଙ୍ଗ ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆସନ୍ତା ନିର୍ବାଚନରେ ବସ୍ତାରେ କଂଗ୍ରେସର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରି ପରିବର୍ତ୍ତନର ଧାରାରେ ସାମିଲ ହେବା ପାଇଁ ବସ୍ତାର ନେତୃବୃନ୍ଦ ଭୋଟରଙ୍କୁ ଆହ୍ୱାନ କରିଥିଲେ।

### ଗଣ୍ଡିବେଡରେ ଭାଜପା, ଧୋବାଗଡିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

ଖଇରା, ୧୮।୪(ଡି.ଏନ.ଏ.): ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଗଣ୍ଡିବେଡଠାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମା' ବେକେଟେଇଙ୍କ ପ୍ରାଙ୍ଗଣରେ ବିଶ୍ୱଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭାବେ କୈଳାସଚନ୍ଦ୍ର ମାଝି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସନ୍ତୋଷ ଶତପଥି, ଯୁବନେତା ବେଣୁମାଧବ ପଣ୍ଡା, ମହିଳାମୋର୍ଚ୍ଚା ସଭାପତି ଶୁକସେନୀ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି ଚନ୍ଦ୍ରମଣୀ ନାୟକ, ଯଯାତି ଦାସ, ସନ୍ତୋଷ ଶତପଥି, ଅନୀଲ ବେହେରା, ଅମିତାଭ ପୃଷ୍ଟି, ରାମଚନ୍ଦ୍ର ପତି, ବାସୁଦେବ ପୁଥାଳ, ଗଜେନ୍ଦ୍ର ରାଉଳ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କୁ ଜିତାଇବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ସେହିପରି ଧୋବାଗଡିଆଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସିମୁଳିଆ ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଶରତ ଦାସ, କାର୍ତ୍ତୀକ ପାତ୍ର, ରାଜେନ୍ଦ୍ର ଜେନା ଓ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

ନୀଳଗିରି, ୧୮।୪(ଡି.ଏନ.ଏ.): ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୧୭ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୧୨/୧୯ ଓ ୧୩/୧୯) ରୁଜୁ କରାଯାଇ ଗିରଫ ବ୍ୟକ୍ତି ଦ୍ୱୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେ ହେଲେ ତରତରି ଗାଁର ସୁରେନ୍ଦ୍ର ବେହେରା (୬୦) ଓ ତେଣ୍ଡା ଗାଁର ମହେନ୍ଦ୍ର ସିଂ (୪୫)। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ନିରୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ସମେତ ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲେ।

# ନେସ୍କୋ କାର୍ଯ୍ୟାଳୟରେ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

ଭୋଗରାଇ, ୧୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଦେହୁର୍ଦ୍ଦାସ୍ଥିତ ନେସ୍କୋ ବିଭାଗ କାର୍ଯ୍ୟାଳୟରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦ୍ୱାରା ଗୁରୁବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇ ଧାରଣା ଦିଆଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ବିଦ୍ୟୁତ୍ ସେବା ବ୍ୟାହତ ହେବାର ଆଶଙ୍କା ଥିବାରୁ ବିଭାଗୀୟ ଅଧିକାରୀମାନେ ସ୍ଥିତି ଅନୁଧାନ କରି ତୀକ୍ଷ୍ଣ ନଜର ରଖିଛନ୍ତି।

ଗତ ୧୧।୪।୧୯ରେ ଚନ୍ଦନେଶ୍ୱର ବିଦ୍ୟୁତ୍ ସେକ୍ସନ୍‌ର ଜେଇ ସନ୍ତୋଷ କୁମାର ମହନ୍ତ ତାଙ୍କ ସହିତ କେତେକ ବିଦ୍ୟୁତ୍ କର୍ମଚାରୀ ରଣକୋଠା ଗ୍ରାମସ୍ଥିତ ଚିଙ୍ଗୁଡ଼ି ଝିଲ ମାଲିକଙ୍କ ବକେୟା ବିଦ୍ୟୁତ୍ ବିଲ ପୈଠ ପାଇଁ ସେଠାକୁ ଯାଇଥିଲେ। ହାମରିଆ ଗ୍ରାମର ଚିଙ୍ଗୁଡ଼ି ଝିଲି ମାଲିକ ଧନଞ୍ଜୟ ଜେନା, ମୃତ୍ୟୁଞ୍ଜୟ ଜେନା ଓ ଗୌତମ ଜେନା ବିଦ୍ୟୁତ୍ କର୍ମଚାରୀଙ୍କୁ ବକେୟା ବିଦ୍ୟୁତ୍ ବିଲ ସମାଧାନ କରାଯାଉ ବୋଲି ଅଡ଼ି ବସିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ବକେୟା ବିଦ୍ୟୁତ୍ ବିଲ ପୈଠ ନ କଲେ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯିବ ବୋଲି କହିବାରୁ ଚିଙ୍ଗୁଡ଼ି ଝିଲି ମାଲିକ ସଂଘବଦ୍ଧ ହୋଇ ବାଉଁଶ ଦ୍ୱାରା କର୍ମଚାରୀଙ୍କୁ ମାଡ଼ ମାରିଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇଥିଲା। ବିଦ୍ୟୁତ୍ ବିଭାଗର ଦୁଇ କର୍ମଚାରୀ ପାର୍ଥସାରଥୀ ପାତ୍ର ଓ ଚନ୍ଦନ ଭୂୟାଁ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଆକ୍ରମଣକାରୀମାନେ ବିଦ୍ୟୁତ୍ କର୍ମଚାରୀଙ୍କ ମୋବାଇଲ ଫୋନ୍‌କୁ


ବିଦ୍ୟୁତ୍ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ।

ଚିଙ୍ଗୁଡ଼ି ଝିଲ୍‌କୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଭୋଗରାଇ ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୫୫/୧୯) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ହେଲେ ଅପରାଧୀଙ୍କୁ ପୋଲିସ ଗିରଫ କରିବାରେ ବିଳମ୍ବ କରୁଥିବାରୁ ନେସ୍କୋ କାର୍ଯ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କର୍ମଚାରୀ ଧାରଣାରେ ବସିଛନ୍ତି। ଘଟଣାସ୍ଥଳକୁ ନେସ୍କୋ ନିର୍ବାହୀ ଯନ୍ତ୍ରୀ ହରିଶ କୁମାର ପଣ୍ଡା ଯାଇ ଏସ୍‌ଡ଼ିଓ ଭୁବନାନନ୍ଦ ଦାସ, ଜେଇ ବିଶ୍ୱଜିତ୍ ମହାପାତ୍ର ଓ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସ୍ଥିତି ଅନୁଧାନ କରିଛନ୍ତି। ବିଦ୍ୟୁତ୍ ସେବା ବ୍ୟାହତ ନ ହେବା ପାଇଁ ବିଦ୍ୟୁତ୍ କର୍ମଚାରୀଙ୍କୁ ନିର୍ବାହୀଯନ୍ତ୍ରୀ ନିବେଦନ କରିଛନ୍ତି।

# ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ

ବାହାନଗା, ୧୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଇଞ୍ଚୁଡି ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଦୁଇଜଣ ଦେଢ଼ଶ୍ୱଶୁର ବଳାତ୍କାର ଉଦ୍ୟମ କରିବା ପରେ ଜୀବନରୁ ମାରିଦେବା ପାଇଁ ମାରଣାସ୍ତ୍ର ଧରି ଗୋଡ଼ାଇବା ଭଳି ଘଟଣା ଘଟିଛି। ଏନେଇ ଖନ୍ତାପଡ଼ା ଥାନାରେ ମହିଳା ଜଣକ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ କରାଯାଇଛି। ସମ୍ପୃକ୍ତ ମହିଳାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଘରକୁ ନ ଯାଇ ଦିନତମାମ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଥାନା ବାରଣ୍ଡାରେ ବସିରହିଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା ବୁଧବାର ସନ୍ଧ୍ୟାରେ ନିଜର ପୁଅ ସହିତ ଏକାକୀ ଥିବାବେଳେ ଏହାର ସୁଯୋଗ ନେଇ ଜଣେ ଦେଢଶ୍ୱଶୁର ପ୍ରଥମେ ଜୋର ଜବରଦସ୍ତ ବଳାତ୍କାର ପାଇଁ ଉଦ୍ୟମ କରିଥିଲେ। ଏଥିରେ ସେ ଚିତ୍କାର କରିବାରୁ ତାଙ୍କ ଅନ୍ୟ ଜଣେ ଦେଢଶ୍ୱଶୁର ଆସି କଣପାଇଁ ଚିତ୍କାର କରୁଛୁ କହି ତାଙ୍କୁ ମାଡ ମାରିଥିଲେ। ପରେ ମହିଳା ଜଣକ ସେମାନଙ୍କଠାରୁ ଖସିଯିବାରୁ ଦୁଇ ଦେଢଶ୍ୱଶୁର ଘର ଭିତରୁ ମାରଣାସ୍ତ୍ର ଆଣି ରାସ୍ତାରେ ଜୀବନରୁ ମାରିଦେବା ପାଇଁ ଗୋଡାଇଥିଲେ। ତେବେ ରାତିରେ ମହିଳା ଜଣକ ନିଜର ଛୋଟ ପିଲାକୁ ଧରି ନିକଟସ୍ଥ ଜଙ୍ଗଲ ଭିତରେ ଲୁଚିଗଲା ପରେ ଦୁଇ ଦେଢଶ୍ୱଶୁର ନ ପାଇ ଘରକୁ ଫେରିଆସିଥିଲେ। ସେମାନେ ପଳାଇବା ପରେ ମହିଳା ଜଣକ ଜଙ୍ଗଲରୁ ବାହାରି ଗ୍ରାମର ଅନ୍ୟ ଜଣକ ଘରେ ରାତ୍ରିଯାପନ କରିଥିଲେ। ମହିଳା ଜଣକ ଗୁରୁବାର ସକାଳେ ଖନ୍ତାପଡା ଥାନାକୁ ଯାଇ ଅଭିଯୋଗ କରିଥିଲେ।


କଣ୍ଡରାଗଡିଆ ଗ୍ରାମବାସୀ ବୈଠକରେ ଆଲୋଚନା କରୁଛନ୍ତି।

## ଅବହେଳିତ କଣ୍ଡରାଗଡିଆ ଗ୍ରାମ

# ଭୋଟ ବର୍ଜନ ଲାଗି ଗ୍ରାମବାସୀଙ୍କ ଚେତାବନୀ

ଖଇରା, ୧୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ କଣ୍ଡରାଗଡିଆ ଗ୍ରାମକୁ ନିତିଦିନିଆ ରାସ୍ତା ନାହିଁ। ଘରପୋଡି ବେଳେ ଦମକଳ ଗାଡିଟିଏ ଗାଁକୁ ପଶିପାରୁନି। ଗୁରୁତର ଅବସ୍ଥାରେ ରୋଗୀକୁ ଖଟିଆରେ କି କାନ୍ଧରେ ବୋହି ଡାକ୍ତରଖାନା ନେବାକୁ ପଡୁଛି। ବିଦ୍ୟାଳୟଟିଏ ନ ଥିବାରୁ ପିଲାମାନେ ୨କି.ମି. ଚାଲି ଚାଲି ଅନ୍ୟ ଗ୍ରାମକୁ ପାଠ ପଢିବାକୁ ଯାଆନ୍ତି। ପିଇବା ପାଣି ର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବାରୁ ବିଶେଷ କରି ଖରାଦିନେ ପାଣି ଟୋପାଏ ପାଇଁ ତହଳବିକଳ ହୋଇଥାଆନ୍ତି। ବାରମ୍ବାର ଦାବି ପରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରଟିଏ ମଞ୍ଜୁରି ମିଳିପାରିଲାନି। ନିର୍ବାଚନ ବେଳେ ନେତାମାନେ ଭୋଟ ପାଇଁ ଗାଁକୁ ଆସନ୍ତି ଓ ଅନେକ କିଛି ପ୍ରତିଶ୍ରୁତି ଦେଇଯାନ୍ତି। ହେଲେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ସମସ୍ୟାର ସମାଧାନ ହୋଇ ପାରିଲାନି। ପ୍ରତିବାଦରେ ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହେଉଛନ୍ତି ଗ୍ରାମବାସୀ। ଏନେଇ ବୁଧବାର ଏକ ବୈଠକ ବସି ୪ଦିନ ମଧ୍ୟରେ ଦାବି ପୂରଣ ପାଇଁ ବ୍ୟବସ୍ଥା କରା ନ ଗଲେ ତେବେ ଭୋଟବର୍ଜନ ପାଇଁ ବାଧ୍ୟ ହେବୁ ବୋଲି ଗ୍ରାମର ପର୍ଶୁରାମ ଦାସ, ସୁରେନ୍ଦ୍ର ଦାସ, କବିତା ଦାସ, ଭାରତୀ ଦାସ, ଝରଣା ଦାସ, ପଦ୍ମଲୋଚନ ଦାସ, ମାୟାଧର ଦାସ, ରୁପା ଦାସ ଓ ରୀତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ତାଙ୍କର ଲିଖିତ ଦାବିପତ୍ର ଖଇରା ବିଡିଓ, ତହସିଲଦାର ଓ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପହଞ୍ଚିଛି। ଏବେ ସମସ୍ତେ ନିର୍ବାଚନ ପାଇଁ ବ୍ୟସ୍ତ ଥିବାରୁ ଗୁରୁତ୍ୱ ଦିଆଯାଇ ପାରିନାହିଁ। ତହସିଲଦାରଙ୍କ ସହ ଆଲୋଚନା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ବାଲିଆପାଳ, ୧୮।୪(ଡି.ଏନ.ଏ.)

ବାଲିଆପାଳ ଭାଜପାର ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପଞ୍ଚାୟତ ଗୁନାପୁର ଗ୍ରାମର ଅଜୟ ଗିରିଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଦବାନସିଂ ଗ୍ରାମର ରଧାକୃଷ୍ଣ ପାତ୍ର, କମଳ ଲୋଚନ ପାତ୍ର, ଅଶୋକ ପାତ୍ର, ମନୋଜ ମାହାଳିକ, ବଳରାମ ପାତ୍ର, ସୁଜୟ ଜେନା, ଜୟନ୍ତ ଜେନା, ପଞ୍ଚାନନ ପାତ୍ର, ନିର୍ମଳ ପାତ୍ର, ଭରତ ପାତ୍ର, ଗୁନାପୁର ଗ୍ରାମର ଜତିନ୍ଦ୍ର ଜେନା, ପ୍ରାଣକୃଷ୍ଣ ଗିରିଙ୍କ ସମେତ ସେମାନଙ୍କର ଅନେକ ସମର୍ଥକ ଭାଜପାରେ ଯୋଗ ଦେଇଥିବା ଭାଜପା ନେତା ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର ବିଧାୟକ ପ୍ରାର୍ଥୀ ରଘୁନାଥ ମହାନ୍ତି ଯୋଗ ଦେଇ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ନେତା ଅରବିନ୍ଦ ବେହେରା, ସୁବଳ ଦାସ, ଶିବଶଙ୍କର ପ୍ରଧାନ, ମନୋଜ ସି, ସୁଧାଂଶୁ ଜେନା, ନିତ୍ୟାନନ୍ଦ ବାରିକ, ସୁଦାମ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ ପ୍ରାର୍ଥୀ ମୃତ୍ୟୁଞ୍ଜୟ

ସୋର, ୧୮।୪(ଡି.ଏନ.ଏ.): ସୋର ବିଧାନସଭା କ୍ଷେତ୍ରରେ ସରକାରୀ ଚାକିରି ଛାଡି ଗତ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟରେ ଲଢ଼ି ସ୍ୱଳ୍ପ ବ୍ୟବଧାନରେ ହାରିଥିବା ମୃତ୍ୟୁଞ୍ଜୟ ଯେନା ଟିକେଟ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରି ଦଳର ପ୍ରାଥମିକ ସଦସ୍ୟ ସହ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ସେ ହାରିବାଠାରୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏଠି କଂଗ୍ରେସ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଦଳରେ ସେ ଅଣନିଃଶ୍ୱାସୀ ହୋଇ ଅଖିଳ ଭାରତୀୟ କଂଗ୍ରେସ କମିଟି ସହ ବାଲେଶ୍ୱର ଜିଲା କଂଗ୍ରେସ ଦଳିତ ସେଲ ଅଧକ୍ଷ ପଦବୀରୁ ଇସ୍ତଫା ଦେଇଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# 'ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ'

ସୋର, ୧୮।୪(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ମାଟିଆପଲା ଛକଠାରେ ଥିବା ଭାରତୀୟ ବିଦ୍ୟାନିକେତନ ବିଦ୍ୟାଳୟର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଦସ୍ୟ ମହେନ୍ଦ୍ର ପ୍ରସାଦ ପାତ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁର ଉତ୍ତମ ଚରିତ୍ରବାନ ବ୍ୟକ୍ତିତ୍ୱ ସୃଷ୍ଟି କରିପାରିଲେ ଶିକ୍ଷା ଗ୍ରହଣ ସଫଳ ହୋଇଥାଏ। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପାଳପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ନରେନ୍ଦ୍ର ପ୍ରସାଦ ବଗୁଡ଼ାଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଳାଶିକ୍ଷକ, ଅଭିନେତା ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ଅଭିଭାବକମାନେ ଉତ୍ତମ ବ୍ୟକ୍ତିତ୍ୱ ବିକାଶ ଦିଗରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ।


ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ।

ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ପଣ୍ଡା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ପଠାଣି ସାମନ୍ତ ମେଧା ପରୀକ୍ଷାରେ ସୋର ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଜିଷାନ ଦୟାନ ଖାନ୍, ପଞ୍ଚମ ଶ୍ରେଣୀ ବୃତ୍ତି ଓ ପଠାଣି ସାମନ୍ତ ମେଧା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ବିକ୍ରମକେଶରୀ ବେହେରା ଓ ତୃତୀୟ ଶ୍ରେଣୀରେ ସରକାରୀ ବୃତ୍ତି ପାଇବା ସହିତ ଶିଶୁମନ୍ଦିର ମେଧା ପରୀକ୍ଷାରେ ୧୧ତମ ସ୍ଥାନ ହାସଲ କରିଥିବା ଛାତ୍ର ଦିବ୍ୟାଂଶୁ ମିଶ୍ରଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ବିଶ୍ୱରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱପ୍ନା ସେଠୀ, ବୈଜୟନ୍ତୀ ବେହେରା, ସର୍ମିଷ୍ଠା ରାଉତ, ଅନ୍ନପୂର୍ଣ୍ଣା ବାରିକ, ବିଶ୍ୱରଞ୍ଜନ ପଣ୍ଡା, ରାଜେଶ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଡକାୟତ ଦଳକୁ କାବୁ କଲା ପୋଲିସ

ବାଲିଆପାଳ, ୧୮।୪(ଡ.ଏନ.ଏ.)

ଗ୍ରାମବାସୀଙ୍କ ସହାୟତାରେ ଏକ ଡକାୟତ ଦଳକୁ ବାଲିଆପାଳ ପୋଲିସ ଧରିବାରେ ସକ୍ଷମ ହୋଇଛି। ସେମାନଙ୍କଠାରୁ ଚୋରି ସୁନାଗହଣା ସମେତ ନଗଦ ଟଙ୍କା ଜବତ ହୋଇଛି। ୩ ଜଣ ଡକାୟତଙ୍କୁ ଥାନାରେ ଅଟକ ରଖି ପୋଲିସ ଅଧିକ ପଚରାଉଚରା କରୁଛି।

ବୁଧବାର ସନ୍ଧ୍ୟାରେ ବାଲିଆପାଳ ଥାନା ଓଗରା ଗ୍ରାମରେ ଅନୁଷ୍ଠିତ ହେଉଥିବା ପାଟପର୍ବ ଦେଖିବା ପାଇଁ ସେହି ଗ୍ରାମର ପଞ୍ଚାନନ ପାତ୍ରଙ୍କର ପରିବାର ଘରେ ତାଲା ପକାଇ ମେଳାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ବଡାଶ ଗ୍ରାମର କାଳିଚରଣ ପିଳା, ବଡକସବା ଗ୍ରାମର ରାଜୀବ ଗିରି ଓ ବାଲିଆପାଳ ଗ୍ରାମର ବାପି କୁହ୍ଲାରି ପଞ୍ଚାନନଙ୍କ ଘର ପଛପଟ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଡକାୟତମାନେ ଅଲମିରା ଚାବି ଭାଙ୍ଗୁଥିବା ବେଳେ ପଡୋଶୀମାନେ ଶବ୍ଦ ଶୁଣି ପଞ୍ଚାନନଙ୍କ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ। ମେଳାରେ ଥିବା ପଞ୍ଚାନନଙ୍କ ପରିବାର ଲୋକେ ଘରେ ଚୋର ପଶିବା ପ୍ରଘଟ କରିଦେବାରୁ ଶତାଧିକ ଲୋକେ ତାଙ୍କ ଘର ଆଡକୁ ଦଉଡି ଆସିଥିଲେ। ଏହି ସମୟରେ ବାପି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କାଳୀଚରଣ ଓ ରାଜୀବଙ୍କୁ ଗ୍ରାମବାସୀ ଧରିନେଇଥିଲେ। ପରେ ଏହି ଦୁଇ ଜଣଙ୍କୁ ଉତ୍ତମ ମଧ୍ୟମ ଦେବାରୁ ସେମାନେ ବାଲିଆପାଳ ଗ୍ରାମର ବାପିଙ୍କ ନାମ ପ୍ରକାଶ କରିଥିଲେ। ଏନେଇ ଥାନରେ ଅଭିଯୋଗ ହେବା ପରେ ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ଟିମ୍ ସାଧା ପୋଷାକରେ ଯାଇ ବାପିଙ୍କ ଘରକୁ ଘେରାଉ କରିଥିଲେ। ଘର ଭିତରେ ଯାଞ୍ଚ କରିବାରୁ ଚୋରି ହୋଇଥିବା ସୁନାଗହଣା ସମେତ କିଛି ଟଙ୍କା ପୋଲିସ ଜବତ କରିଥିଲା। ବାପିଙ୍କୁ ପୋଲିସ ଧରି ନେଇ ଥାନାରେ ଅଟକ ରଖିଛି। ଏହି ଘଟଣାରେ ଅନ୍ୟ କେତେକ ଡକାୟତ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

## ପୂର୍ବାଞ୍ଚଳ ଦୃଷ୍ଟିହୀନ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

# ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଟିମ୍ ଚାମ୍ପିୟନ

## ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୧୮।୪

ବିହାର ମୁଜାଫରପୁରଠାରେ ଅନୁଷ୍ଠିତ ୨ୟ ପୂର୍ବାଞ୍ଚଳ ଦୃଷ୍ଟିହୀନ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶାର ବାଲେଶ୍ୱର ଜିଲା ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଟିମ୍ ଚାମ୍ପିୟନ ହୋଇଛି। ଏହି ଟିମ୍ ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିବା ପରେ ରୋଟାରୀ କ୍ଲବ ପକ୍ଷରୁ ବିଜୟୀ ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ରୋଟାରିୟାନ ବିଦ୍ୟାଧର ସିଂ, ସମ୍ପାଦକ ବିଶ୍ୱଜିତ୍ ପଣ୍ଡା, ରୋଟାରିୟାନ ସୁବ୍ରତ କର, ଶାନ୍ତନୁ ପାଣି, ପଦାରବିନ୍ଦ ମହାପାତ୍ର, କଲ୍ୟାଣ ଚାନ୍ଦ, ଶାଶ୍ୱତ ରୋଟାରୀ ପ୍ରତିଷ୍ଠାତା ସଭାପତି ସୁକୁମାର ରଣା ଉପସ୍ଥିତ ରହି ବିଜୟୀ ଦଳକୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରୂପାୟନର ସମ୍ପାଦିକା


ଚାମ୍ପିୟନ ଟିମ୍‌କୁ ରେଳ ଷ୍ଟେଶନ ପରିସରରେ ସମ୍ବର୍ଦ୍ଧନା ଦିଆଯାଉଛି।

ଶ୍ରଦ୍ଧାଞ୍ଜଳି ରାୟ, ସୁଜାତା ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ କମଳାକାନ୍ତ ବେହେରାଙ୍କ ପ୍ରତିନିଧି ପ୍ରୀତମ ସାହୁ ଉପସ୍ଥିତ ରହି ଟିମ୍‌କୁ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ଦଳକୁ ପାଛୋଟି ନେବା ନିମନ୍ତେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ଦିବାକର ସ ଧନ୍ୟବାଦ ଦେଇଥିଲେ।

ଏହି ପ୍ରତିଯୋଗିତାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଲିଗ୍ ମ୍ୟାଚ୍‌ରେ ବାଲେଶ୍ୱର ଦଳ ନଦିଆ ନବଦ୍ୱୀପ କଲିକତା ଦଳକୁ ୧୩୫ ରନ୍ ବ୍ୟବଧାନରେ ପରାସ୍ତ କରିଥିଲା। ପ୍ରଥମେ ବାଲେଶ୍ୱର ଦଳ ବ୍ୟାଟିଂ କରି ଅଧିନାୟକ ସିଂରାଇ ମାଝି ୧୦୯ ରନ୍ ଓ ଅଞ୍ଜନ ସିଂଙ୍କ ୯୬ ରନ୍ ବଳରେ ଦଳ ନିର୍ଦ୍ଧାରିତ ଓଭରରେ ୨୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ନଦିଆ ନବଦ୍ୱୀପ ୮୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ୨ୟ ଲିଗ୍ ମ୍ୟାଚ୍‌ରେ ବିହାରର ପାଟ୍‌ନାକୁ ଦଳ ପରାସ୍ତ କରି କଲିକତା ଲାଇଟ୍‌ହାଉସ୍ ସେମିଫାଇନାଲ ମ୍ୟାଚ୍ ଖେଳିବା ପାଇଁ ବିବେଚିତ ହୋଇଥିଲା। ସେମିଫାଇନାଲ ମ୍ୟାଚ୍ ବାଲେଶ୍ୱର ଦଳ ଓ କଲିକତା ଲାଇଟ୍‌ହାଉସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଦଳର ଅଧିନାୟକ ସିଂରାଇ ମାଝିଙ୍କ ୮୧ ରନ୍ ବଳରେ ଦଳ ନିର୍ଦ୍ଧାରିତ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଲାଇଟହାଉସ୍ ୧୧୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଦଳ ଝାଡ଼ଖଣ୍ଡ ସହ ସମ୍ମୁଖୀନ ହୋଇଥିଲା। ପ୍ରଥମେ ଝାଡ଼ଖଣ୍ଡ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୩.୩ ଓଭରରେ ବିନା ଉଇକେଟ୍‌ରେ ବାଲେଶ୍ୱର ଦଳ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ସିଂରାଇ ମାଝିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ବିହାର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଦଳର ପ୍ରଶିକ୍ଷକ ପ୍ୟାରୀମୋହନ ଭୂୟାଁଙ୍କୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଇକବାଲ ଜାଫର ଓ ଅଧକ୍ଷ ସ ସଫଳତା ପାଇଁ ଶ୍ରେୟ ଦେଇଛନ୍ତି।

# ଭାଜପା-ବିଜେଡି-କଂଗ୍ରେସ ମଧ୍ୟରେ କଡା ଟକ୍କର



ମୋହନ ମାଝି | ବିଦ୍ୟାଧର ଦେହୁରୀ | ମାଧବ ସର୍ଦ୍ଦାର

**କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ**

କେନ୍ଦୁଝର, ୧୮।୪(ଡି.ଏନ.ଏ.)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦୁଝରରେ ସବୁ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋର ଧରିଛି। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରେ ଏଥର ବିଜେଡିର ମାଧବ ସର୍ଦ୍ଦାର, ଭାଜପାର ମୋହନ ଚରଣ ମାଝୀ, କଂଗ୍ରେସର ବିଦ୍ୟାଧର ଦେହୁରୀ, ବହୁଜନ ସମାଜ ପାର୍ଟି ରାମପ୍ରସାଦ ହେମ୍ବ୍ରମ, ବହୁଜନ ମୁକ୍ତି ପାର୍ଟିର ଜୟ ସିଂ ମୁଣ୍ଡା, ଅଲ ଇଣ୍ଡିଆ ଫରୱାଡ ବ୍ଲକର ରଣଜିତ୍ ମୁଣ୍ଡା, ସ୍ୱାଧୀନ ପ୍ରାର୍ଥୀଭାବେ ଇଂ ସୁବର୍ଣ୍ଣ ନାଏକ, ମନ୍ମଥ ବିଳାସ ଟିଓ ଓ ଗଣେଶ ଚନ୍ଦ୍ର ମୁଣ୍ଡା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ମଇଦାନରେ ଭାଜପା, କଂଗ୍ରେସ ଓ ବିଜେଡି ୩ଦଳର ପ୍ରାର୍ଥୀମାନେ ପରସ୍ପରକୁ କଡ଼ା ଟକ୍କର ଦେଉଥିବା ଲକ୍ଷ୍ୟ କରାଯାଇଛି। ବର୍ତ୍ତମାନର ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ପୂର୍ବରୁ ୨୦୦୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ଦୁଇ ଥର ବିଧାୟକ ହୋଇଥିଲେ। ତେବେ ୨୦୦୯ ଏବଂ ୨୦୧୪ରେ ପରାଜୟବରଣ କରିଥିଲେ। ବର୍ତ୍ତମାନର ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର କଂଗ୍ରେସ ଦଳରେ ଥିବା ସମୟରେ ଅଳ୍ପ ସମୟ ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ପରେ କେନ୍ଦୁଝର ସଦର ଆସନରୁ କଂଗ୍ରେସ ଦଳର ବିଧାୟକଭାବେ ଲଢି ମୋହନ ଚରଣ ମାଝୀଙ୍କଠାରୁ ହାରିଯାଇଥିଲେ। ସେହିପରି କଂଗ୍ରେସ ଦଳର ପ୍ରାର୍ଥୀ ବିଦ୍ୟାଧର ଦେହୁରୀ ଥରେ ସ୍ୱାଧୀନ ଭାବେ ଏବଂ ଆଉ ଥରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ହାରିଛନ୍ତି। ସେ ଜଣେ ଆଦିବାସୀ ନେତା ହୋଇଥିବାରୁ ନିର୍ବାଚନମଣ୍ଡଳୀରେ ତାଙ୍କର ଭଲ ପ୍ରଭାବ ରହିଛି। ଏଥର ବିଜେଡି ଟିକେଟ ନପାଇ ପୂର୍ବତନ ବିଜେଡି ବିଧାୟକ ସୁବର୍ଣ୍ଣ ନାଏକ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଚାରକୁ ଯୋରଦାର କରିଛନ୍ତି। ନିର୍ବାଚନ ବୈତରଣୀ ପାର ହେବା ଲକ୍ଷ୍ୟ ନେଇ ସବୁ ଦଳରେ ରଣକୌଶଳ ପ୍ରସ୍ତୁତ କରି ପ୍ରଚାର କରୁଛନ୍ତି। ହେଭିୱେଟ ଷ୍ଟାର ପ୍ରଚାରକମାନେ କେନ୍ଦୁଝରକୁ ଆସି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ଭୋଟରଙ୍କୁ ନିବେଦନ କରୁଛନ୍ତି। ନିକଟ ଅତୀତରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଏଠାରେ ପ୍ରଚାର କରି ଫେରି ଯାଇଥିବାବେଳେ ଗତ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝରରେ ପ୍ରଚାର କରି ଫେରିଛନ୍ତି। କଂଗ୍ରେସ ମଧ୍ୟ ଷ୍ଟାର ପ୍ରଚାରକଙ୍କୁ ଆଣିବାକୁ ଉଦ୍ୟମ କରୁଥିବା ଦଳୀୟ ସୂତ୍ରରୁ ସୂଚନା ମିଳିଛି। ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ପାତ୍ର ପର୍ଯ୍ୟବେକ୍ଷକଭାବେ ଜିଲାକୁ ଆସି ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରୁଛନ୍ତି। ଗତ ଦୁଇଟି ନିର୍ବାଚନରେ ସଦର ନିର୍ବାଚନମଣ୍ଡଳୀକୁ ବିଜେଡି ଦଖଲ କରିଥିବାବେଳେ ଏଥର ଗଡ ରକ୍ଷା କରିବା ଲାଗି ପ୍ରାଣପଣେ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷେ ଭାଜପା ଗତ ଦୁଇ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ଆସନକୁ ହାତଛଡା କରିଥିବାରୁ ଏଥର ରଣନୀତି ପରିବର୍ତ୍ତନ କରି କିଭଳି ବିଜୟ ହାସଲ କରିବ ସେ ଲକ୍ଷ୍ୟରେ ଚାଲିଛି। ଅନୁରୂପ ଭାବେ କଂଗ୍ରେସ ନିଜ ପକେଟ ଭୋଟକୁ ଭରସା କରିବା ସହ ଆଦିବାସୀ ସଂପ୍ରଦାୟର ଭୋଟକୁ ହାତେଇବା ପାଇଁ ଚେଷ୍ଟା କରୁଥିବା ଜଣାପଡିଛି।

ଏ ସମ୍ପର୍କରେ ତିନି ପ୍ରମୁଖ ଦଳର ପ୍ରାର୍ଥୀମାନଙ୍କ ମତାମତ ନିଆଯିବାରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଦ୍ୟାଧର ଦେହୁରୀ କହିଥିଲେ ଯେ, ୨୦ବର୍ଷ ଧରି କେନ୍ଦୁଝର ଜିଲା ସଦର ନିର୍ବାଚନ ମଣ୍ଡଳୀର ନିର୍ବାଚିତ ପ୍ରତିନିଧିମାନେ ସଠତା ଓ ପ୍ରବଞ୍ଚନା ଭିତରେ ରାଜନୀତି କରୁଛନ୍ତି। ଜିଲା ତଥା ନିର୍ବାଚନ ମଣ୍ଡଳୀରେ ପାଣି ପାଇଁ ସମସ୍ୟା ଲାଗି ରହିଛି। ଜିଲାରେ ଥିବା ଖଣିରେ ୧.୪୪ ସ୍ଥାନୀୟ ନିଯୁକ୍ତି ବ୍ୟବସ୍ଥା ଥିବାବେଳେ ବିଜେଡି ଗୁଣ୍ଡାମାନେ ଖଣିକୁ କବ୍‌ଜା କରି ରଖିଛନ୍ତି। ଏହି ସବୁ ମୁଦ୍ଦାକୁ ନେଇ ସେ ନିର୍ବାଚନକୁ ଓହ୍ଲାଇଥିବାବେଳେ କୌଣସି ଦଳ ସହ ତାଙ୍କର କଡା ଟକ୍କର ହେଉନି। କଂଗ୍ରେସ ଦଳ ନିଶ୍ଚିତ ବିଜୟହାସଲ କରିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀରେ ଆଗେଇ ନେବା ତାଙ୍କର ମୁଖ୍ୟ କାର୍ଯ୍ୟହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ପ୍ରଭୃତି କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ ନିର୍ବାହ କରିବା ପାଇଁ ସେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

ସେପଟେ ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ୨୦୦୦ ରୁ ୨୦୦୯ ମସିହା ମଧ୍ୟରେ ମିଳିତ ସରକାର ଅମଳରେ ସେ ବିଧାୟକ ଥିବା ସମୟରେ ସଦର ନିର୍ବାଚନ ମଣ୍ଡଳୀର ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ବର୍ତ୍ତମାନ ଦେଶ ତଥା ରାଜ୍ୟରେ ମୋଦୀ ଲହର ଚାଲିଥିବାରୁ ଭୋଟରମାନେ ପରିବର୍ତ୍ତନ ମୁହାଁ ହେଉଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିବା ନିଶ୍ଚିତ ହୋଇଛି।

# ବିଷ୍ଣୁବ୍ରତଙ୍କ ରୋଡ୍ ଶୋ, ନିର୍ବାଚନ ସଭା

ପଦ୍ମପୁର, ୧୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କର ରୋଡ୍ ଶୋ ଓ ନିର୍ବାଚନ ସଭା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପ୍ରସାଦଠାରେ ୫ ଶହରୁ ଊର୍ଦ୍ଧ୍ୱ ମହିଳା କର୍ମୀ ବିଷ୍ଣୁବ୍ରତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ବିଷ୍ଣୁବ୍ରତ ଶତାଧିକ ବାଇକ୍ ଶୋଭାଯାତ୍ରାରେ ଯାଇ ରାଜଘରପୋଖରୀଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗ ଦେଇଥିଲେ। ସଭାରେ ଯୁବ ସଭାପତି ଅସିତ କୁମାର ଦାସ, ରାଜେଶ ମହାନ୍ତି, ଝୁନା ପଣ୍ଡା, ଉତ୍ତମ କୁମାର ପାତ୍ର, ଅସିତ ନାୟକ, ଶ୍ରୀଧର ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଜଗନ୍ନାଥ ପ୍ରସାଦଠାରେ ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ଜିଲାପରିଷଦ ସଭ୍ୟା ମଞ୍ଜୁଲତା ବଳ, ସମିତିସଭ୍ୟ ସୁବାସ ଚନ୍ଦ୍ର ଦତ୍ତ, ବରିଷ୍ଠ କର୍ମୀ ମୁକ୍ତିକାନ୍ତ ଦତ୍ତ, ହରେକୃଷ୍ଣ ଦତ୍ତ, ସନାତନ ଦାସ, ଅଭିମନ୍ୟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଲିମେଦଠାରେ ଆୟୋଜିତ ସଭାରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ସମିତିସଭ୍ୟା ସସ୍ମିତା ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ଝରଣା ମଲ୍ଲିକ, ସିଦ୍ଧାର୍ଥ ପଟ୍ଟନାୟକ, ତ୍ରୈଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀଦାସପୁର ପଞ୍ଚାୟତଠାରେ ସଭାରେ ବନମାଳୀ ବାରିକ, ମଧୁସୂଦନ ମଲ୍ଲିକ, ଅକ୍ଷୟ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ। ନାୟକାଣିଡିହୀଠାରେ ସଭାରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସରପଞ୍ଚ ବଂଶୀଧର ବିଶ୍ୱାଳ, ସମିତିସଭ୍ୟା ସ୍ନେହଲତା ପରିଡା, ଜିଲାପରିଷଦ ସଭ୍ୟ ରମେଶ ମିଶ୍ର, ଆଦିତ୍ୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେଡିର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ଓ ଭଦ୍ରକ ଲୋକ ସଭା ଆସନର ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।



ପ୍ରଚାର ବେଳେ କର୍ମୀଙ୍କ ସହ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ।

# ଗଣତାନ୍ତ୍ରିକ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ

ଭୋଗରାଇ, ୧୮।୪(ଡି.ଏନ.ଏ.)

ଭାଜପା ଓ ବିଜେଡିକୁ ଆସନ୍ତା ନିର୍ବାଚନରେ ପରାସ୍ତ କରି କେନ୍ଦ୍ର ଓ ରାଜ୍ୟରେ ଏକ ଧର୍ମନିରପେକ୍ଷ ସରକାର ଗଠନ ଲାଗି ଭୋଗରାଇ ବିଧାନସଭା କ୍ଷେତ୍ରର ସିପିଏମ୍ ଶାଖା ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଗୁରୁବାର ଥାନାଛକସ୍ଥିତ ପାର୍ଟି ଅଫିସ୍‌ରେ ବରିଷ୍ଠ ସିପିଏମ୍ ନେତା ଅଧୀର ଗିରି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାଚନୀ ରଣକୌଶଳ ଓ ଦଳୀୟ କର୍ମୀ ନେତାଙ୍କ କାର୍ଯ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଗଣତାନ୍ତ୍ରିକ ଆନ୍ଦୋଳନରେ ସାମିଲ ହୋଇ ଲୋକଙ୍କ ସ୍ୱାର୍ଥ ପାଇଁ ଲଢୁଥିବା ପ୍ରାର୍ଥୀଙ୍କୁ ଦଳ ସମର୍ଥନ ଦେବା ସହିତ ସମସ୍ତ କାର୍ଯ୍ୟ ଦଳୀୟ ହିତ ଅନୁଯାୟୀ କରାଯିବ ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଥିଲେ। ବୈଠକରେ ନିର୍ମାଣ ଶ୍ରମିକ ସଂଘ, ଅଙ୍ଗନୱାଡ଼ି ସଂଘ ସାମିଲ ହୋଇଥିଲେ। ସିପିଏମ୍ ଜିଲା କମିଟି ସଭ୍ୟ ଦୀପ୍ତିମାନ ଆଚାର୍ଯ୍ୟ, ଦିଲୀପ ଗିରି, ଆଞ୍ଚଳିକ କମିଟି ସମ୍ପାଦକ ଚିତ୍ତରଞ୍ଜନ ଦାସ, କୃଷ୍ଣମୋହନ ମୁର୍ମୁ, ଜଗନ୍ନାଥ ମାଇତି, ବସନ୍ତ ପ୍ରଧାନ, ଜୀବନ ପରିଡ଼ା, ଆନନ୍ଦ ଜେନା, ହରିପଦ ରାଉତ ଓ ବସନ୍ତ ଦେ ପ୍ରମୁଖ ଯୋଗଦେଇଥିଲେ।



ସିପିଏମ୍ ପାର୍ଟି ଅଫିସ୍‌ରେ ନେତୃମଣ୍ଡଳୀଙ୍କ ବୈଠକ।

# ଖୁଣ୍ଟାରେ ସରୋଜିନୀଙ୍କ ମାରାଥନ ପ୍ରଚାର

**ଖୁଣ୍ଟା,୧୮।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକରେ ବୁଧବାର ବିଜେଡି ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ମାରାଥନ ନିର୍ବାଚନ ପ୍ରଚାର କରିଥିଲେ। ଏହି ବ୍ଲକ ପଞ୍ଚାୟତରେ ରୋଡ଼ ଗ୍ରାମରେ ଆୟୋଜିତ ଯୋଗ ଦେଇଥିଲେ। ପଞ୍ଚାୟତର ୭ଟି ଗ୍ରାମରେ କରାଯାଇଥିଲା। ଏହି ବ୍ଲକର ବିଜେଡି ସଭାପତି



ଅଧୀନ କରକଟିଆ ଶୋ କରିବା ସହିତ ୬ଟି ନିର୍ବାଚନୀ ସଭାରେ ଡୁକୁରା ଓ ବାହାନଡ଼ା ଅନୁରୂପ ପ୍ରଚାର ସଭା କାର୍ଯ୍ୟକ୍ରମରେ ଖୁଣ୍ଟା ସୁବ୍ରତ ଚକ୍ର, ଯୁବ ସଭାପତି ଲାଲାଜୀ ରଥ, ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି, ଉପାଧ୍ୟକ୍ଷ ସିଦ୍ଧନାଥ ସୋରେନ, ବରିଷ୍ଠ ନେତା ସୁଶାନ୍ତ ଆଚାର୍ଯ୍ୟ, ଶମ୍ଭୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେଏମଏମ ଯୁବ ମୋର୍ଚ୍ଚା ସଭାପତି ପଦରୁ ମନୋଜଙ୍କ ଇସ୍ତଫା

**ରାଇରଙ୍ଗପୁର,୧୮।୪(ଡିଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିବାଚନ ମଣ୍ଡଳୀ ଜାମଦା ବ୍ଲକ ଜେଏମଏମ ଯୁବ ମୋର୍ଚ୍ଚା ସଭାପତି ମନୋଜ କୁମାର ପାତ୍ର ବୁଧବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ଦଳୀୟ ପ୍ରାର୍ଥୀ ଚୟନକୁ କେନ୍ଦ୍ର କରି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମନୋଜ ତାଙ୍କ ସମର୍ଥକଙ୍କ ସହ ଅନ୍ୟ ଦଳରେ ମିଶିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ବିଜେଡି ଶୋଭାଯାତ୍ରାରେ କମ୍ପିଲା ପାଳିଆବିନ୍ଧା

**ତିହିଡ଼ି, ୧୮।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତରେ ବୁଧବାର ରାତିରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀଙ୍କ ଶୋଭାଯାତ୍ରା, ସ୍ଲୋଗାନରେ ପଞ୍ଚାୟତ କମ୍ପି ଉଠିଥିଲା। ପାଳିଆହାଟଠାରେ ଅନୁଷ୍ଠିତ ସମ୍ମିଳନୀରେ ପାଳିଆବିନ୍ଧା ସମବାୟ ସମିତି ସଭାପତି ସୁଧନ୍ୱା ନାୟକ ପୌରୋହିତ୍ୟ କରିଥିଲେ। ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କମଳାକାନ୍ତ ଭୋଇ, ପୂର୍ବତନ ସରପଞ୍ଚ ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ସରପଞ୍ଚ ପ୍ରଦୀପ କୁମାର ପଣ୍ଡା ଓ ମିନତିଲତା ଦାସ, ବରିଷ୍ଠ ନେତା ଗଣେଶ ପ୍ରସାଦ ବିଶ୍ୱାଳ, ବିଜୟ ସେଠୀ, ଦେବେନ୍ଦ୍ର ପୁହାଣ, ଦୁଷ୍ମନ୍ତ ନାୟକ, ଆଦିତ୍ୟ ଜେନା ଓ ନବକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜେଡିକୁ ଭୋଟ ଦେଲେ ବିକାଶର ଧାରା ଅବ୍ୟାହତ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବବାହିନୀ ସଭାପତି ଶୁଭ୍ରଜିତ ପାଲ, ଭରତ ସାହୁ, ଦେବଦତ୍ତ ନାୟକ, ରାଜେନ୍ଦ୍ର ଜେନା, ଗଜେନ୍ଦ୍ର ପଲାଇ, ପର୍ଶୁରାମ ନାୟକ ଓ ତାପସ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡ଼ି ଅମିତ ରଞ୍ଜନ ମଲ୍ଲିକ, ପାଣ୍ଡବ ମଲ୍ଲିକ, ଗୌରାଙ୍ଗ ମଲ୍ଲିକ, ଆଲୋକ ଦାସ, ସୁଶାନ୍ତ ମହାଲିକ, ପ୍ରକାଶ ମହାଲିକ, ସଞ୍ଜୟ ଶଙ୍ଖୁଆ, ସତ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ବୁଧବାର ଅପରାହ୍ନରେ ନୂଆନନ୍ଦ ପଞ୍ଚାୟତର ହାତୁଆରୀଠାରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଉମାକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ସରପଞ୍ଚ ସୁଶାନ୍ତ ମଲିକ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, କୁଳମଣି ସାହୁ, ଦାମୋଦର ମହାଲିକ, ଯୁବବାହିନୀ ସଭାପତି ଅମର ମଲିକ, ରଘୁନାଥ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

# ୨୫ରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀଙ୍କ ମେଳି

**ନୀରବତା ମହଙ୍ଗା ହେବ**

**ବାଲେଶ୍ୱର ଅଫିସ,୧୮।୪:** ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର ଧରିଛି। ଏହି ଆସନରେ ବିଜେଡିରୁ ଜୀବନ ପ୍ରଦୀପ ଦାସ, ଭାଜପାରୁ ମଦନମୋହନ ଦତ୍ତ ଓ କଂଗ୍ରେସରୁ ମାନସ ଦାସପଟ୍ଟନାୟକ ପ୍ରମୁଖ ନିର୍ବାଚନ ଲଢୁଛନ୍ତି। ଅନ୍ୟ ଦଳ ତୁଳନାରେ କଂଗ୍ରେସରେ ଗୋଷ୍ଠ କନ୍ଦଳ ତୀବ୍ର ରୂପ ଧାରଣ କରିଥିବାରୁ ଏହି ଦଳ ପ୍ରଚାର କ୍ଷେତ୍ରରେ ପଛରେ ପଡିଥିବା ଚର୍ଚ୍ଚା ହେଉଛି। କଂଗ୍ରେସରୁ ଟିକେଟ ପାଇବାରୁ ବଞ୍ଚିତ ହୋଇଥିବା ଯୁବନେତା ବିକ୍ରମ ପଣ୍ଡା ଏବଂ ତାଙ୍କର ଶତାଧିକ କର୍ମୀ ନିର୍ବାଚନରେ ଦଳ ସପକ୍ଷରେ ପ୍ରଚାର କରିବା ଦେଖିବାକୁ ମିଳୁନାହିଁ। ସେହିପରି ପ୍ରାର୍ଥୀ ଚୟନକୁ କେନ୍ଦ୍ର କରି ଅସନ୍ତୁଷ୍ଟ ଥିବା କର୍ମୀମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ ଲାଗି ଆସନ୍ତା ୨୫ ତାରିଖରେ ଏକ ବୈଠକ କରୁଥିବା ସୂଚନା ମିଳିଛି।

୨୦୧୪ ମସିହା ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଅରୁଣ ଦେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏହାପରେ ଦଳର ସାଙ୍ଗଠନିକ ସ୍ଥିତି ଭୁଶୁଡି ପଡିଥିବା ବେଳେ ଯୁବନେତା ତଥା ଜିଲା ସାଧାରଣ ସମ୍ପାଦକ ବିକ୍ରମ ପଞ୍ଚାୟତସ୍ତରରୁ ସଙ୍ଗଠନକୁ ସଜାଡିଥିଲେ। ଚଳିତ ନିର୍ବାଚନରେ ସେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଲବିରେ ରହିଥିଲେ। କିନ୍ତୁ ତାଙ୍କ ପରିବର୍ତ୍ତେ ମାନସ ଦାସପଟ୍ଟନାୟକଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଟିକେଟ ମିଳିବା ଘଟଣାକୁ ନେଇ ବିକ୍ରମଙ୍କ ସମର୍ଥକମାନେ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ବର୍ତ୍ତମାନ ନିର୍ବାଚନ ପ୍ରଚାର ସମୟରେ ସେମାନଙ୍କ ନୀରବତା ଦଳୀୟ ନେତୃତ୍ୱକୁ ଚିନ୍ତାରେ ପକାଇଛି। ଯୁବନେତା ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଗୋଷ୍ଠୀକନ୍ଦଳ ସମସ୍ୟା ଯୋଗୁ ଅନେକ ନେତା ଓ କର୍ମୀ ଦଳ ଛାଡି ସାରିଲେଣି। ଦଳୀୟ ପ୍ରାର୍ଥୀ କିମ୍ବା ନେତୃବର୍ଗ ଅସନ୍ତୁଷ୍ଟଙ୍କ ସହ ଏଯାଏ କୌଣସି ଆଲୋଚନା କରିନାହାନ୍ତି। ଜିଲା କଂଗ୍ରେସ କମିଟି ସମ୍ପାଦକ ମନୋଜ କୁମାର ନାୟକ କହିଛନ୍ତି, ଦଳର ପୁରୁଖା ଲୋକଙ୍କୁ କେହି ଖୋଜୁ ନ ଥିବାରୁ ଅନେକ ନୀରବତା ଅବଲମ୍ବନ କରୁଛନ୍ତି। ସେମାନଙ୍କୁ ବୁଝାଇବା ପ୍ରୟାସ ଏଯାଏ ହୋଇନାହିଁ। ସଦର ବ୍ଲକ କିଷାନ ମୋର୍ଚ୍ଚା ସଭାପତି ତଥା ବୁଆଁଳ ପଞ୍ଚାୟତ ସଭାପତି ସୁଶୀଲ ଜେନା ସମୟ, ଅର୍ଥ ଖର୍ଚ୍ଚ କରି ଦଳକୁ ବଞ୍ଚାଇ ରଖିଥିବା ନେତାଙ୍କୁ ଉପେକ୍ଷା କରାଯିବା ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ପ୍ରଚାର ସଭାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବେତନଟୀ, ୧୮।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ବେତନଟୀ ବଡସାହି ରାସ୍ତା ସୁଭାଷ ଛକ ନିକଟରେ ଗୁରୁବାର ଆୟୋଜିତ ଏକ ବିଶାଳ କର୍ମୀ ସମାବେଶରେ ବିଜେଡିର ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ଜେନା ଓ ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ ଯୋଗ ଦେଇଥିଲେ। ଦଳର କର୍ମୀମାନେ ବିଭିନ୍ନ ସ୍ଥାନରେ ରୋଡ୍‌ଶୋ କରି ସମାବେଶରେ ପହଞ୍ଚିବା ବେଳକୁ ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟା ବିଳମ୍ବ ହୋଇଥିଲା। ବେତନଟୀ କର୍ମୀ ସମାବେଶରେ ସାମିଲ ହୋଥିବା ଲୋକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିବା ଲାଗି ଅସୀମା ପଣ୍ଡା, ଜେସୀ ସାମଲ, ଗାର୍ଗୀ ମହାନ୍ତି, ପପୁ ପମ୍‌ପମ୍ ପ୍ରମୁଖ ନାମୀଦାମୀ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବେତନଟୀରେ ରବୀନ୍ଦ୍ର ଓ ବୃନ୍ଦାବନଙ୍କ ରୋଡ୍ ଶୋ

**ବେତନଟୀ, ୧୮।୪ (ଡି.ଏନ୍.ଏ.):** ବାଲେଶ୍ୱର ଲୋକ ସଭା ଆସନ ଅଧୀନ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକରେ ଗୁରୁବାର ବିଜେଡି ପକ୍ଷରୁ ରୋଡ଼ ଶୋ କରାଯାଇ ନିର୍ବାଚନ ପ୍ରଚାର କରାଯାଇଥିଲା। ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ଜେନା ଓ ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ରୋଡ ଶୋ କରି କର୍ମୀ ସମାବେଶରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲା ସୀମାକୁ ଲାଗିଥିବା ୧୮ନଂ ଜାତୀୟ ରାଜପଥର ବେତନଟୀ ବ୍ଲକର କଳମାଠାରୁ ଦଳର କର୍ମୀମାନେ ବିଶାଳ ବାଇକ୍ ରାଲି କରି ବେତନଟୀ ଅଞ୍ଚଳ ବୁଲି ସ୍ଥାନୀୟ ସୁଭାଷ ଛକ ନିକଟରେ ପହଞ୍ଚି ସେଠାରେ ଆୟୋଜିତ ସମାବେଶରେ ଯୋଗ ଦେଇଥିଲେ। ଏହି ରାଲି ସମୟରେ ଲୋକ ସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ୩୭, ୩୬ ଓ ୩୫ନମ୍ବର ଜୋନ୍ ଅଞ୍ଚଳରେ ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ଗ୍ରାମ ଦେଇ ୮୦ କି.ମି. ରାସ୍ତା ଅତିକ୍ରମ କରି ବେତନଟୀ କର୍ମୀ ସମାବେଶରେ ଯୋଗ ଦେଇଥିଲେ। ଏମପି ପ୍ରାର୍ଥୀ ରବୀନ୍ଦ୍ର ସମାବେଶରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ଶାସନକୁ ଆସିଲେ ରାସଗୋବିନ୍ଦପୁରଠାରେ ଥିବା ବିମାନବନ୍ଦର ପଡିଆର ଉନ୍ନତୀକରଣ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ ଓ ବାଉଁଶ ଶିଳ୍ପର ବିକାଶ ଲାଗି କ୍ଲଷ୍ଟର କରାଯିବ ବାଲି କହିଥିଲେ। ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡସାହି ନିର୍ବାଚନ ମଣ୍ଡଳୀକୁ ପ୍ରଚାର ଲାଗି ଆସୁଥିବାରୁ ଏହି ନିର୍ବାଚନ ମଣ୍ଡଳୀରୁ ବାରିପଦା ପର୍ଯ୍ୟନ୍ତ ରୋଡ୍‌ଶୋ କରାଯିବ ବୋଲି ରବୀନ୍ଦ୍ର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ମନ୍ତ୍ରୀ ତଥା ଉଦଳା ବିଧାୟକ ଗୋଲକ ବିହାରୀ ନାୟକ, ମୟୂରଭଞ୍ଜ ଜିଲା ବିଜେଡି ଦେବାଶିଷ ମହାନ୍ତି, ବାଲେଶ୍ୱରର ଜିଲା ଯୁବ ସଭାପତି, ଯୁବ ନେତା ଭବାନୀ ଶଙ୍କର ପରିଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ବଳା, ମିଡିଆ ସଂଯୋଜକ ଭବାନୀ ଶଙ୍କର ମିଶ୍ର, ବ୍ଲକ ସଭାପତି ସନ୍ତକ ଲେଙ୍କା, ବରିଷ୍ଠ ବିଜେଡି ନେତା ଛତିଶ୍ ପାତ୍ର ଓ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମାବେଶରେ ମଞ୍ଚାସୀନ ଏମପି ପ୍ରାର୍ଥୀ ରବୀନ୍ଦ୍ର ଜେନା ଓ ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ।

# ନିର୍ବାଚନ କାର୍ଯ୍ୟରେ ଅସହଯୋଗ
# ୩୧ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା

ବାଲେଶ୍ୱର ଅଫିସ,୧୮।୪

ସାଧାରଣ ନିର୍ବାଚନ-୨୦୧୯ ସଞ୍ଚାଳନ ପାଇଁ ଆବଶ୍ୟକ ଯାନବାହାନ ସକାଶେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ କିସମର ଯାନକୁ ସରକାରୀ ଭାବେ ଅଧିକୃତ କରାଯାଇଥିଲା। ଏମାନଙ୍କୁ ଏପ୍ରିଲ ୧୩ ତାରିଖରେ ରିଜର୍ଭ ପୋଲିସ ପଡ଼ିଆରେ ରିପୋର୍ଟ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଗୁରୁବାର ସୁଦ୍ଧା ୩୧ଟି ଅଧିକୃତ ଯାନ ରିପୋର୍ଟ ନ କରିବାରୁ ଜନପ୍ରତିନିଧି ଆକ୍ଟ-୧୯୫୧ ଅନୁଯାୟୀ ଏହି ୩୧ଟି ଯାନର ମାଲିକମାନଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଛି। ଯେଉଁମାନେ ଏହି ୱାରେଣ୍ଟ ତାଲିକାରେ ଅଛନ୍ତି ସେମାନେ ହେଲେ ପଦ୍ମଲୋଚନ ସାହାଣୀ, ଗୌରୀ ଶଙ୍କର ଦାସ, କରୁଣାକର କବି, ଦେବାଶିଷ ମହାନ୍ତି, ସୁବ୍ରତ କୁମାର ମହାନ୍ତି, ସାଧନା ସାମଲ, ମିନତୀ ସାହୁ, ବିମଳ ପଣ୍ଡା, ତୁଳସୀ ଦାସ (ମା' ତାରିଣୀ ଏସ୍‌ଏଚ୍‌ଜି), ଆଶାଲତା ପାଣିଗ୍ରାହୀ, ମୀନତି ରଥ, ମନୋରଞ୍ଜନ ମହାପାତ୍ର, ତପନ କୁମାର ସିଂ, ସୁରେନ୍ଦ୍ର ପ୍ରସାଦ ନାୟକ, ମୀର ଲତିଫୁର ରେହମନ୍, ଶ୍ରୀଧର ପରିଡ଼ା, ବବ୍ରୁବାହାନ ମହାଳିକ, ବିଶ୍ୱରଞ୍ଜନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦତ୍ତ, ଦୀନବନ୍ଧୁ ପରିଡ଼ା, ବ୍ରଜକିଶୋର ଦାସ, ସପନ ମହାନ୍ତି, ମାନସ ରଞ୍ଜନ ପଣ୍ଡା, ମନୋରଞ୍ଜନ ବାରିକ, ସ୍ନେହାଶିଷ ପଣ୍ଡା, ବଳରାମ ପାଣ୍ଡୁଆ, ସୁଜିତ କୁମାର ମୁଦୁଲି, ଅନୀତା ପାଇକରାୟ, ଜତୀନ୍ଦ୍ର ନାଥ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବେହେରା, କାର୍ତ୍ତିକ ଚନ୍ଦ୍ର ପ୍ରଧାନ। ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉକ୍ତ ମାଲିକମାନଙ୍କ ଅସହଯୋଗ ଯୋଗୁ ବାଧାପ୍ରାପ୍ତ ହୋଇଥିବାରୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ରମେଶ ଚନ୍ଦ୍ର ରାଉତ ଏହି ଆଦେଶ ପ୍ରଦାନ କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି।

# ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି



ନିର୍ବାଚନ ସଭାରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଓ ନୀଳଗିରି ବିଧାୟକ ପ୍ରାର୍ଥିନୀଙ୍କ ସହ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୧୮।୪:** ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଗୁରୁବାର ନୀଳଗିରି ନିର୍ବାଚନମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତି। ପୂର୍ବାହ୍ନ ୧୦ଟାରେ ମିତ୍ରପୁରଠାରୁ ପ୍ରଚାର ଆରମ୍ଭ କରି ରାତି ସାଢେ ୯ଟାରେ ନୀଳଗିରି ଏନ୍‌ଏସିଠାରେ ଶେଷ କରିଥିଲେ। ଲୋକସଭା ପ୍ରାର୍ଥୀ ନବଜ୍ୟୋତ ନିର୍ବାଚନମଣ୍ଡଳୀର ବିକାଶଧାରାକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ ଦେବା ସହ ଅଙ୍ଗନୱାଡ଼ି କର୍ମୀଙ୍କ ଚାକିରି ସ୍ଥାୟୀ ଓ ମାସିକ ଦରମା ୯ହଜାର, ସହାୟିକାଙ୍କ ମାସିକ ଦରମା ୬ହଜାର ଟଙ୍କା ହେବ ବୋଲି ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଚୌଧୁରୀ ବିକାଶ ଦାସ ପ୍ରଚାରରେ ସାମିଲ ହୋଇ ଉଭୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ନୀଳଗିରି ବିଧାନସଭା ପ୍ରାର୍ଥିନୀ ମନୋଜମଞ୍ଜରୀ ଦେବୀ, ଲୋକସଭା ପ୍ରାର୍ଥୀ ନବଜ୍ୟୋତିଙ୍କ ସହିତ ସ୍ୱର ମିଳାଇ ବିକାଶ ଧାରାକୁ ଆଗେଇ ନେବା ପାଇଁ ନିର୍ବାଚନମଣ୍ଡଳୀର ଆବଶ୍ୟକ ଭିତ୍ତିଭୂମିକୁ କେବଳ କଂଗ୍ରେସ ପୂରଣ କରିପାରିବ ବୋଲି କହିଥିଲେ। ଅର୍ଥ ଅଭାବରୁ ଝିଅଙ୍କ ଉଚ୍ଚଶିକ୍ଷା ଓ ବାହାଘର ପାଇଁ ଆର୍ଥିକ ବାଧକ, ପାନୀୟଜଳ ଅଭାବ, ଯୁବତୀଯୁବକଙ୍କ ନିଯୁକ୍ତି, ମଦ ଅଞ୍ଚଳକୁ ନଷ୍ଟ କରୁଥିବା ଭଳି ଅଭିଯୋଗ ସ୍ଥାନୀୟ ଲୋକମାନେ ପ୍ରାର୍ଥୀଙ୍କୁ ଜଣାଇଥିଲେ। କଂଗ୍ରେସ ବାଲେଶ୍ୱରରେ ବିଜୟ ଲାଭ କଲେ ଉପରୋକ୍ତ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେଗୁନିଆ, ମଛୁଆ, ଆର୍‌କେପୁର, ଅଯୋଧ୍ୟା, ମହିଷାପଙ୍ଗା, ଜାମୁଡ଼ିହା, ଆରବନ୍ଧ, ବରହମ୍ପୁର, ଛତ୍ରପୁର, ପିଠାହତା, କେସିପୁର, ତେଲିପାଳ, ଗରଡ଼ି, ସଜନାଗଡ଼, ସିଆଡ଼ିମାଳ ପଞ୍ଚାୟତରେ ଉଭୟ ପ୍ରାର୍ଥୀ ପ୍ରଚାର ଶେଷ କଲା ପରେ ନୀଳଗିରି ଏନ୍‌ଏସିରେ ପହଞ୍ଚି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ କର୍ମୀ ଓ ଜନତାମାନଙ୍କ ଉତ୍ସାହ ବାଲେଶ୍ୱରରେ ନିଶ୍ଚିତ ପରିବର୍ତ୍ତନ ଆଣିବ ବୋଲି ଲୋକସଭା ପ୍ରାର୍ଥୀ ଦୃଢ଼ୋକ୍ତିର ସହ ପ୍ରକାଶ କରିଛନ୍ତି।

